ସମ୍ପାଦକୀୟ
24 YEARS
ସମ୍ବାଦ କଳିକା

# ସିବିଆଇ ବିବାଦ ବଢୁଛି

ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ପୁଣି ସିବିଆଇ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିବାର ମାତ୍ର ୩୦ ଘଣ୍ଟା ଭିତରେ ଆଲୋକ ବର୍ମାଙ୍କୁ ପଦରୁ ହଟାଇ ଅଗ୍ନିଶମ ବିଭାଗର ଡିଜି ଭାବେ ନିଯୁକ୍ତି ଦିଆଯାଇଛି । ମାତ୍ର ଦୁଇ ଦିନ ପୂର୍ବରୁ ଆଲୋକ ବର୍ମାଙ୍କୁ ସିବିଆଇ ନିର୍ଦ୍ଦେଶକ ଭାବେ ପୁନଃଅବସ୍ଥାପିତ କରିଥିଲେ ସୁପ୍ରିମ୍‌କୋର୍ଟ । ହେଲେ ଗୁରୁବାର ଦିନ ତାଙ୍କୁ ତାଙ୍କ ପଦରୁ ବିଦା କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚ କ୍ଷମତା ସଂପନ୍ନ ସିଲେକ୍ସନ କମିଟି ଆଲୋକ ବର୍ମାଙ୍କୁ ସିବିଆଇ ନିର୍ଦ୍ଦେଶକ ପଦରୁ ବିଦା କରିଦେଇଛି । ତିନିଜଣିଆ ସିଲେକ୍ଟ କମିଟିରେ ଆଲୋକ ବର୍ମାଙ୍କୁ ହଟାଇବା ପାଇଁ ଦୁଇ ଜଣଙ୍କ ମତ ଆଧାରରେ ପଦକ୍ଷେପ ଗ୍ରହଣ କରାଯାଇଛି । ୨–୧ରେ ଆଲୋକ ବର୍ମାଙ୍କୁ ଦାୟିତ୍ୱରୁ ହଟାଇବରା ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ ସିଭିସି ରିପୋର୍ଟ ଆଧାରରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା କୁହାଯାଇଛି । ଏହି କମିଟି ଆଲୋକ ବର୍ମାଙ୍କୁ ଦୁର୍ନୀତି ଓ କର୍ତ୍ତବ୍ୟ ନିର୍ବାହରେ ଅବହେଳାର ଆରୋପ ଲଗାଇଛି । ସିବିଆଇର ୫୫ବର୍ଷ ଇତିହାସରେ ଏଭଳି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ କରୁଥିବା ଆଲୋକ ବର୍ମା ହେଉଛନ୍ତି ପ୍ରଥମ ମୁଖ୍ୟ । ଆଲୋକ ବର୍ମାଙ୍କ ବିରୁଦ୍ଧରେ ୬ଟି ଅଭିଯୋଗ ଥିଲା । ଯେଉଁ କାରଣ ଯୋଗୁ ପ୍ରଧାନମନ୍ତ୍ରୀ ନେତୃତ୍ୱରେ ସିଲେକ୍ସନ କମିଟି ବର୍ମାଙ୍କୁ ଦାୟିତ୍ୱରୁ ଅନ୍ତର କରିଛନ୍ତି । ବର୍ମାଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗ ମଧ୍ୟରୁ ମାଂସ ବ୍ୟବସାୟୀ ମୋଇନ କ୍ୟୁରେସିଙ୍କ ବିରୁଦ୍ଧରେ ତଦନ୍ତକୁ ପ୍ରଭାବିତ କରିବା ଏବଂ ବ୍ୟବସାୟୀ ସତୀଶ ବାବୁସନାଙ୍କୁ ଅଭିଯୁକ୍ତ କରିବା ପାଇଁ ମଞ୍ଜୁରୀ ନଦେବା, ସିଭିସିକୁ ଆଲୋକ ବର୍ମାଙ୍କ ବିରୁଦ୍ଧରେ ଦୁଇ କୋଟି ଟଙ୍କାର ଲାଞ୍ଚ ନେଇଥିବାର ପ୍ରମାଣ ମିଳିଛି, 'ର' ଦ୍ୱାରା ଧରାଯାଇଥିବା ଏକ ଫୋନ୍ କଲରେ ଏହି ଲାଞ୍ଚ ନେବା ସମ୍ପର୍କରେ କଥାବାର୍ତ୍ତା ହୋଇଥିଲା । ଗୁରୁଗ୍ରାମରେ ଜମି କ୍ରୟରେ ଆଲୋକ ବର୍ମାଙ୍କ ନାମ ଉଠିଥିଲା । ଯେଉଁଥିରେ ୩୬ କୋଟି ଟଙ୍କାର ନେଣ –ଦେଣ ହୋଇଥିଲା । ଲାଲୁଙ୍କ ସହିତ ସଂପୃକ୍ତ ଆଇଆରଟିସିଟିସି ମାମଲାରେ ଅଧିକାରୀଙ୍କୁ ସୁରକ୍ଷା ଦେବା ନିମନ୍ତେ ତାଙ୍କ ନାମକୁ ଏଫ୍‌ଆଇଆରରେ ସାମିଲ ନକରିବା ଏବଂ ଆଲୋକ ବର୍ମା ଦାଗୀ ଅଫିସରମାନଙ୍କୁ ସିବିଆଇ କୁ ଆଣିବା ନିମନ୍ତେ ଉଦ୍ୟମ କରୁଥିଲେ ।

ସିବିଆଇ ମୁଖ୍ୟପଦରୁ ହଟାଯିବା ପରେ ଆଲୋକ ବର୍ମା ପ୍ରକାଶ କରିଛନ୍ତି ଯେ, ଏଭଳି ଏକ ଘଟଣା ଦୁଃଖଦାୟକ ତାଙ୍କୁ ଶତ୍ରୁ ଭାବେ ଦେଖୁଥିବା ଜଣେ ବ୍ୟକ୍ତିଙ୍କ ମିଥ୍ୟା ନିରାଧାର ଓ ତୁଚ୍ଛ ଅଭିଯୋଗ ଆଧାରରେ ତାଙ୍କୁ ପଦରୁ ହଟାଇ ଅନ୍ୟତ୍ର ନିଯୁକ୍ତି ଦିଆଯାଇଛି ବୋଲି କହିଛନ୍ତି । ତେବେ ସେ ତାଙ୍କ କାର୍ଯ୍ୟାଳୟରେ ସିବିଆଇର ସ୍ୱତନ୍ତ୍ରତା ବଜାୟ ରଖିବାକୁ ବାରମ୍ବାର ଚେଷ୍ଟା କରିଥିଲେ । ଆଲୋକ ବର୍ମାଙ୍କୁ ଦାୟିତ୍ୱରୁ ହଟାଯିବା ଘଟଣାକୁ ନେଇ ସମଗ୍ର ଦେଶରେ ଚର୍ଚ୍ଚା ଚାଲିଛି ।

ଅବଶ୍ୟ ଏଥିରେ ଦ୍ୱିମତ ନାହିଁ ଯେ, ଅଲୋକ ବର୍ମାଙ୍କୁ ସିବିଆଇ ମୁଖ୍ୟ ଭାବେ ପୁଣି ଥରେ ଯେତେବେଳେ ସୁପ୍ରିମ୍‌କୋର୍ଟ ନିଷ୍ପତ୍ତି ପ୍ରଦାନ କଲେ ସେତେବେଳେ ଏହି ନିଷ୍ପତ୍ତିକୁ ନେଇ ମୋଦି ସରକାରଙ୍କ ସେହି ନିଷ୍ପତ୍ତି ଉପର ପ୍ରଶ୍ନ ଉଠିଥିଲା ଯେ, କେଉଁ ଅନୁଯାୟୀ ଆଲୋକ ବର୍ମାଙ୍କୁ ଜବରଦସ୍ତ ଛୁଟିରେ ପଠାଯାଇଥିଲା । ଏହା ସତ୍ତ୍ୱେ ଏହି ନିଷ୍ପତ୍ତି ନା କେବଳ ସିବିଆଇ ସଂସ୍ଥାର ବିଶ୍ୱାସ କାଏମ କରିଥିଲା ନା ଏହାର ପ୍ରମୁଖଙ୍କର । ଏହି ନିଷ୍ପତ୍ତିର ଏଭଳି କୌଣସି ବାଖ୍ୟା କରିବା କଠିନ ଥିଲା ଯେ, ଏହାଦ୍ୱାରା ସିବିଆଇ ମୁଖ୍ୟ ଠିକ୍‌ବୋଲି ସାବ୍ୟସ୍ତ ହେଲା, କାରଣ ସୁପ୍ରିମ୍‌କୋର୍ଟ ଏହି ବ୍ୟବସ୍ଥା ମଧ୍ୟ ଦେଇଥିଲେ ଯେ, ସେ ପର୍ଯ୍ୟନ୍ତ ଆଲୋକ ବର୍ମା କୌଣସି ନୀତିଗତ ବା ସଂସ୍ଥାଗତ ନିଷ୍ପତ୍ତି ନେବେ ନାହିଁ ଯେପର୍ଯ୍ୟନ୍ତ ତାଙ୍କୁ ନିଯୁକ୍ତି କରୁଥିବା ଉଚ୍ଚସ୍ତରୀୟ କମିଟି ଏଥିପାଇଁ ଅନୁମତି ନଦେଇଛି । ସୁପ୍ରିମ୍‌କୋର୍ଟ ଏଥି ପାଇଁ କମିଟିକୁ ଗୋଟିଏ ସପ୍ତାହ ସମୟ ଦେଇଥିଲେ । ଏହା କ'ଣ ବିଚିତ୍ର ନୁହେଁ ଯେ, ସୁପ୍ରିମ୍‌କୋର୍ଟ ନିଜେ ଏହି ମାମଲା ସମ୍ପର୍କରେ କୌଣସି ନିଷ୍ପତ୍ତି ଦୁଇମାସ ହେଲା ନେଇପାରିନଥିଲେ ? ଆଲୋକ ବର୍ମାଙ୍କ ଉପରେ ଲଗାଯାଇଥିବା ଅଭିଯୋଗ କେତେଦୂର ଗଭୀର ? ଆଉ ଏକ ପ୍ରଶ୍ନ ହେଉଛି ସୁପ୍ରିମ୍‌କୋର୍ଟ ଏହି ନିଷ୍ପତ୍ତିକୁ ସୁରକ୍ଷିତ ରଖିବାର କ'ଣ ଆବଶ୍ୟକତା ଥିଲା ? କାରଣ ଆଲୋକ ବର୍ମାଙ୍କ କାର୍ଯ୍ୟକାଳ ଆଉକିଛି ଦିନର । ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସିବିଆଇ ପ୍ରମୁଖଙ୍କୁ ଛୁଟିରେ ପଠାଇବାର ନିଷ୍ପତ୍ତି ତାଙ୍କୁ ନିଯୁକ୍ତି ଦେଇଥିବା ଉଚ୍ଚସ୍ତରୀୟ କମିଟି କରିବା ଆବଶ୍ୟକ । ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ ଦ୍ୱାରା ସରକାରଙ୍କୁ ନିଶ୍ଚିତ ରୂପେ ସବକ ମିଳିଥିଲା । ଏହା ସହିତ ଭବିଷ୍ୟତ ପାଇଁ ଏହା ଏକ ଉଦାହରଣ ସୃଷ୍ଟି କରିଛି । ଏଠାରେ ଗୋଟିଏ ପ୍ରଶ୍ନ ହେଉଛି ଯେ, ଯଦି ସିବିଆଇ ମୁଖ୍ୟ ସର୍ବସମ୍ମୁଖରେ ଧରାପଡିଯିବେ ତାହେଲେ ମଧ୍ୟ କ'ଣ ସରକାରଙ୍କୁ ପ୍ରଥମେ ତାଙ୍କୁ ନିଯୁକ୍ତି କରିଥିବା ଚୟନ କମିଟି ନିକଟକୁ ଯିବା ଉଚିତ । ଏହା ମଧ୍ୟ ପ୍ରଶ୍ନ ହେଉଛି ଯେ, ଏଭଳି କେଉଁ ସ୍ଥିତିରେ ସିବିଆଇର କାର୍ଯ୍ୟକୁ ନଜର କରୁଥିବା କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗର ଭୂମିକା କ'ଣ ହେବ ? ଯାହାବି ହେଉ ଏହାର ଅଣଦେଖା କରାଯାଇ ପାରିବ ନାହିଁ ଯେ, ସିବିଆଇ ମୁଖ୍ୟ ଓ ତତ୍କାଳୀନ ସ୍ୱତନ୍ତ୍ର ନିର୍ଦ୍ଦେଶକ ପରସ୍ପର ଗୋଇ ଖୋଳିବାକୁ ଉଦ୍ୟମ କରୁଥିଲେ । ଯଦି ସରକାର ଉଭୟଙ୍କୁ ଦାୟିତ୍ୱରୁ ହଟାଇ ଛୁଟିରେ ପଠାଇ ନଥାନ୍ତେ ତେବେ ସିବିଆଇ ସହିତ ସରକାରଙ୍କର ଅଧିକ ଉପହାସ ହୋଇଥାନ୍ତା । ସିବିଆଇ ଭଳି ସଂସ୍ଥାର ମୁଖ୍ୟଙ୍କ କାର୍ଯ୍ୟାକାଳ ଧାର୍ଯ୍ୟ କରିବା ସର୍ବଦା ଉଚିତ । କିନ୍ତୁ ଯଦି ସେ ଗୁରୁତର ଅଭିଯୋଗରେ ଅଭିଯୁକ୍ତ ହେବେ କିମ୍ବା କୌଣସି ଘଟଣାରେ ସ୍ପଷ୍ଟ ଧରାପଡିବେ ତେବେ ତାଙ୍କୁ ତାଙ୍କ ପଦବୀରୁ ହଟାଇବା ପାଇଁ କୌଣସି ସହଜପ୍ରକ୍ରିୟା ରହିବା ଉଚିତ । ଯଦି ତାଙ୍କୁ ନିଯୁକ୍ତି କରିଥିବା କମିଟି ତାଙ୍କ ସମ୍ପର୍କରେ କୌଣସି ସର୍ବସମ୍ମତି ଆଣି ନପାରେ ତାହେଲେ କ'ଣ ସେ ତାଙ୍କ ପଦବୀରେ ରହିବେ ? ଅବଶ୍ୟ ଏହା କାହାକୁ ଅଛପା ନାହିଁ ଯେ, ଅନେକ ଥର ଏହି କମିଟି ସିବିଆଇ ନିର୍ଦ୍ଦେଶକଙ୍କ ଚୟନ ସହଜରେ କରିପାରେ ନାହିଁ ।

ସୁପ୍ରିମ୍‌କୋର୍ଟ ଆଲୋକ ବର୍ମାଙ୍କୁ ସିବିଆଇ ମୁଖ୍ୟପଦରେ ନିଯୁକ୍ତି କରିବା ସମୟରେ ଯେଭଳି ଭାବେ ସ୍ପଷ୍ଟ କରିଥିଲେ ଯେ, ସେ ନା କୌଣସି ନୀତିଗତ ନିଷ୍ପତ୍ତି ନେଇପାରିବେ ଓ ନା କୌଣସି ମାମଲାକୁ ଦେଖି ପାରିବେ । ତେଣୁ ଏଥିରୁ ସ୍ପଷ୍ଟ ହେଉଥିଲା ଯେ, ସୁପ୍ରିମ୍‌କୋର୍ଟ ମଧ୍ୟ ଆଲୋକ ବର୍ମାଙ୍କୁ ନିଯୁକ୍ତି ଦେବା ସମୟରେ ତାଙ୍କ ଉପରେ ସଂପୂର୍ଣ୍ଣ ବିଶ୍ୱାସ କରିନାହାନ୍ତି । ଉଚ୍ଚସ୍ତରୀୟ କମିଟି ଆଲୋକ ବର୍ମାଙ୍କ ସନ୍ଦର୍ଭରେ ଯେଉଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ତାହା ଗୋଟିଏ ଦୃଷ୍ଟିରୁ ଠିକ୍ ବୋଲି କହିବାକୁ ହେବ । କାରଣ ଏତେ ବିବାଦ ପରେ ଆଲୋକ ବର୍ମାଙ୍କୁ ପୁନଃ ନିଯୁକ୍ତି ଘଟଣାରେ କୌଣସି ସଂଶୟ ନଥିଲା ଯେ, ତାଙ୍କର ଶେଷ କାର୍ଯ୍ୟକାଳରେ ସିବିଆଇକୁ ନା କୌଣସି ଦିଗ୍‌ଦର୍ଶନ ମିଳିବ ନା ସିବିଆଇର କୌଣସି ପ୍ରତିଷ୍ଠା ବୃଦ୍ଧି ହେବ । ସାଂପ୍ରତିକ ସ୍ଥିତିରେ ବର୍ତ୍ତମାନ ନୂତନ ନିର୍ଦ୍ଦେଶକ ନିଯୁକ୍ତି ନେଇ ବିଚାର କରାଯିବା ସହିତ ସିବିଆଇ କିଭଳି ଏକ ବିଶ୍ୱସନୀୟ ସଂସ୍ଥା ହୋଇପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ।

ଏଣୁତେଣୁ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର, ଭୁବନେଶ୍ୱର,
ମୋ–୭୯୭୮୧୭୧୮୯୭

# ଆଗ୍ରା ଓ ଆଖପାଖ ଭ୍ରମଣ–୨

ଶୀଘ୍ର ଯିବାକୁ ହେଲେ ଯାନ ଯୋଗେ ଯାଇ ପ୍ରଧାନଦ୍ୱାର ମଧ୍ୟ ଦେଇ ପରିସର ମଧ୍ୟକୁ ଯିବାକୁ ହୋଇଥାଏ । ଏହି ପ୍ରବେଶଦ୍ୱାର ମଧ୍ୟ ଏକ ଦର୍ଶନୀୟ ସ୍ଥାନ ଅଟେ । ଏହି ବିରାଟ ଲାଲ ବାଲିପଥରରେ ନିର୍ମିତ କୀର୍ତ୍ତିର ପ୍ରତ୍ନତାତ୍ତ୍ୱିକ ମହତ୍ତ୍ୱ ଉଚ୍ଚକୋଟିର ଓ ଏସବୁରେ ଧାତବ ତଥା ମୂଲ୍ୟବାନ ପଥର କଳାକୃତି ଜାଟ୍ ଆକ୍ରମଣ ଜନିତ ଲୁଣ୍ଠନ ପୂର୍ବରୁ ରହିଥିଲା । ସମସ୍ତ ନିର୍ମାଣ ଶୈଳୀର ଅବଲୋକନ ଏକ ସୁନ୍ଦର ଅନୁଭୂତି ଅଟେ । ଏହି ବିଶିଷ୍ଟ କଳାକୃତି ୧୬୪୮ ମସିହାରେ ସଂପୂର୍ଣ୍ଣ ହୋଇଥିଲା । ଏହି ପ୍ରବେଶ ଦ୍ୱାର ଉପରେ ଏକ ଛୋଟ ଛତ୍ରୀ ରହିଅଛି ଯାହାକି ହିନ୍ଦୁ ଶୈଳୀର ପରିଚାୟକ ଅଟେ । ଏହାର ପୁରାତନ କପାଟ (କବାଟ) ରୁପା ଛାଉଣିରେ ନିର୍ମିତ ହୋଇଥିଲା ଯାହାର ମୁଦ୍ରାସଦୃଶ ଥିବା ମୁଣ୍ଡ ଯୁକ୍ତ ଶହ ଶହ କଣ୍ଟା ରହିଥିଲା । ସେଗୁଡିକ ଜାଟ୍ ଆକ୍ରମଣରେ ଲୁଣ୍ଠିତ ହୋଇଥିବାରୁ ବର୍ତ୍ତମାନ ସେସବୁ ପିତ୍ତଳରେ ସଜ୍ଜିତ ହୋଇଅଛି । ଏହି ଦ୍ୱାରରେ ଯେଉଁ ସବୁ ଲେଖା ରହିଅଛି ତାହା ତଳରୁ ଉପର ପର୍ଯ୍ୟନ୍ତ କ୍ରମଶଃ ବଡ ବଡ ଆକାରର ହୋଇଥିବାରୁ ଦେଖିଲେ ସେଗୁଡିକ ସମାନ ଆକାରର ଅନୁଭୂତ ହୋଇଥାନ୍ତି । ଏହା ମଧ୍ୟ ଦ୍ରଷ୍ଟବ୍ୟ ଯେ ଏହି ଦୂରଦେଶ ସଂରଚନାଟି ଏପରି ହୋଇଅଛି ଯେ, ବାହାରରୁ ଦେଖିଲେ ତାଜମହଲ ଆଦୌ ଦେଖାଯାଏ ନାହିଁ ଓ ଏଠାରେ ପହଞ୍ଚିଲେ ତାହା ଦେଖାଯାଇଥାଏ । ତା' ମଧ୍ୟ ଦେଇ ଗଲାପରେ ତାଜମହଲର ଚାରିଟି ମିନାର ଦେଖିବାର ସୁଯୋଗ ମିଳିଥାଏ ।

ଏହିପରି ପ୍ରବେଶ ଦ୍ୱାର ଅତିକ୍ରମ କରିଗଲେ ତାଜମହଲର ବହିଃଭାଗରେ ରହିଥିବା ବିସ୍ତିର୍ଣ୍ଣ ତଥା ଅତି ସୁନ୍ଦର ମୁଖ୍ୟତଃ ଘଞ୍ଚ ଘାସର ଆଳଙ୍କାରିକ ଗଛମାନଙ୍କର ଉଦ୍ୟାନ ଦେଖିବାକୁ ମିଳେ ଯେଉଁ ଦୃଶ୍ୟପଟ କି ଅତୀବ ମନୋରଞ୍ଜନ ଅଟେ । ଏଥିରେ ଥିବା ଲମ୍ବା ଆୟତକାର ଜଳକୁଣ୍ଡ ତାଜମହଲ ସୁନ୍ଦର ପ୍ରତିଛବି ବହନ କରି ପରିବେଶକୁ ଆନନ୍ଦମୟ କରିଥାଏ । ଏହାର ଫାଉଣ୍ଟେନ୍ ଚାଲିଥିବା ବେଳେ ଉର୍ଦ୍ଧ୍ୱକୁ ଉଠୁଥିବା ଜଳରାଶି ମଧ୍ୟ ଦେଖିବା ପାଇଁ ମନଲୋଭା ଅଟେ । ଚାରବାଗ୍ ରୂପେ ପରିଚିତ ଏହି ଉଦ୍ୟାନରେ ଠିଆ ହୋଇ ବା ବସି ଫଟୋ ଉଠାଇବା ଏକ ଅଭୂଲା ଅନୁଭୂତି ଆଣିଥାଏ । ଆଜିର ଡିଜିଟାଲ୍ ଯୁଗରେ ମଧ୍ୟ ଫଟୋଗ୍ରାଫରମାନେ ଫଟୋ ନେଇ ଅଳ୍ପ ସମୟ ମଧ୍ୟରେ ପର୍ଯ୍ୟଟକଙ୍କ ଫଟୋ ପ୍ରସ୍ତୁତ କରିଦେଇଥାନ୍ତି । ଏହା ପୂର୍ବରୁ ସେମାନେ ଦେୟ ନେଇ ଫଟୋ ଉଠାଇ ସାଧୁତା ସହକାରେ ଫଟୋଗୁଡିକ ପର୍ଯ୍ୟଟକଙ୍କର ଠିକଣାରେ ପଠାଉଥିଲେ । ଏଠାରେ ଫଟୋଗ୍ରାଫରମାନେ ଏପରି ସ୍ଥାନରେ ଫଟୋ ଉଠାନ୍ତି ଯେ ପର୍ଯ୍ୟଟକ ହାତଟେକି ଉଠାଇଥିବା ଫଟୋ ତାଜମହଲର ଶୀର୍ଷଦେଶକୁ ଛୁଇଁବା ଭଙ୍ଗୀମାର ହୋଇଥାଏ । ଏପରି ଫଟୋ ନେବା ଅନେକ ପର୍ଯ୍ୟଟକଙ୍କ ପାଇଁ ମନୋମୁଗ୍ଧକର ଅଟେ ଓ ତେଣୁ ଏହା ଲୋକପ୍ରିୟ ହୋଇଥାଏ ।

ତାଜ ପରିସରରେ ରହିଅଛି ଏହାର ପୂର୍ବ ଓ ପଶ୍ଚିମ ଦିଗରେ ଥିବା ଲାଲବାଲି ପଥର ନିର୍ମିତ ମସ୍‌ଜିଦ୍ । ଏମାନଙ୍କ ଗଠନ ଶୈଳୀ ଓ କାରୁକାର୍ଯ୍ୟ ଆଦି ସମୟ ଥିଲେ ପର୍ଯ୍ୟଟକମାନେ ଦେଖିପାରନ୍ତି । ଏମାନଙ୍କ ମଧ୍ୟରୁ ପଶ୍ଚିମ ମସ୍‌ଜିଦ୍‌ରେ ସବୁ ଶୁକ୍ରବାର ନମାଜ ପଢାଯାଉଥିବାରୁ ସେଦିନ ତାଜମହଲ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରହିଥାଏ । ଅନ୍ୟ ମସ୍‌ଜିଦ୍‌ରେ ନମାଜ ପଢିବା ନିଷିଦ୍ଧ ଅଟେ ।

ତାଜମହଲ ନିକଟରେ ଉଦ୍ୟାନ ମଧ୍ୟରେ ଠିଆ ହୋଇ କଣ କଣ ଦେଖିବେ ସେ ବିଷୟରେ କିଛିଟା ଦର୍ଶାଉଅଛି । ଏହା କହିବା ନିଷ୍ପ୍ରୟୋଜନ ଯେ ସମସ୍ତ ତାଜମହଲ ସଂରଚନାଟି ଧଳା ଶଙ୍ଖମଲମଲ ଉଚ୍ଚକୋଟିର ମାର୍ବଲରେ ନିର୍ମିତ ଓ ଏଥିରେ ଅନେକ ମୂଲ୍ୟବାନ ପଥର ଖଚିତ ହୋଇ ବିଭିନ୍ନ କାରୁକାର୍ଯ୍ୟ ତଥା ଚିତ୍ରାବଳୀ ସନ୍ନିହିତ କରାଯାଇଛି । ବାହାରକୁ ଦେଖିଲେ ସମଗ୍ର ତାଜମହଲଟି ମାର୍ବଲ ନିର୍ମିତ ଏକ ଉଚ୍ଚ ମଣ୍ଡପ ଉପରେ ନିର୍ମାଣ କରାଯାଇଅଛି, ଯାହାର ଚାରିକୋଣରେ ୪ଟି ମୀନାର ରହିଅଛି । ଏସବୁ ମୀନାରମାନଙ୍କ ଗୁରୁତ୍ୱ ଏହି ଯେ ଏମାନେ କିଛିଟା ବକ୍ର ହୋଇ ଦଣ୍ଡାୟମାନ ଅଟନ୍ତି । ଭୂମିକମ୍ପରେ ମୀନାରମାନଙ୍କ ପତନ ହେଲେ ମୂଳ ତାଜମହଲଟି ଉପରେ ନ ପଡିବା ପାଇଁ ଏପରି କରାଯାଇଅଛି । ପ୍ରତି ମୀନାର ଉଚ୍ଚତା ୪୧.୬ ମିଟର । ମଣ୍ଡପର ମଧ୍ୟଭାଗରେ ମୂଳ ସଂରଚନାଟି ଗଠିତ ହୋଇଅଛି ଯାହାର ମଧ୍ୟ ଭାଗର ଶୀର୍ଷ ଦେଶରେ ଏକ ବୃହତାକାର ଗମ୍ବୁଜ ରହିଅଛି । ଏହି ଗମ୍ବୁଜର ଉଚ୍ଚତା ୭୦ମିଟର ଓ ମଧ୍ୟ ଗମ୍ବୁଜର ଚାରିକୋଣରେ ୪ଟି ଛୋଟ ଛୋଟ ଗମ୍ବୁଜ ବିଦ୍ୟମାନ । ତାଜମହଲ ସମସ୍ତ ଭିନ୍ନ ବର୍ହିଃ ପ୍ରାଚୀରରେ ଅନେକ ଡିଜାଇନ୍ କରାଯାଇଛି । ଏବଂ ତନ୍ମଧ୍ୟରୁ ଅନେକ ମୂଲ୍ୟବାନ ପଥର ଖଚିତ ହୋଇ ଅନେକ କଳାକୃତ କରାଯାଇଅଛି । ଏସବୁ ମୂଲ୍ୟବାନ ପ୍ରସ୍ତର ଆଦିର ଉତ୍ପତ୍ତି ସ୍ଥଳ, ଗୁଣ, ରଙ୍ଗ ଆଦି ବିଷୟ ଗାଇଡମାନଙ୍କଠାରୁ ବିଶଦ ଭାବେ ଶୁଣି ପର୍ଯ୍ୟଟକ ଯେତେ ପାରନ୍ତି ସେତେ ମନେରଖି ଆନନ୍ଦ ନେଇପାରନ୍ତି । ମୋଟ ଉପରେ କହିବାକୁ ଗଲେ ତାଜମହଲର ବାହ୍ୟରୁ ଦୃଶ୍ୟମାନ ସୌନ୍ଦର୍ଯ୍ୟ ଯେ କେତେ ଅଧିକ ତାହା ବର୍ଣ୍ଣନା କରିବା ସମ୍ଭବ ନୁହେଁ ।

ତା' ପରେ ପର୍ଯ୍ୟଟକ ତାଜମହଲ ମଧ୍ୟକୁ ପ୍ରବେଶ କରିବାକୁ ମଣ୍ଡପରୁ କିଛି ପାହାଚ ଓହ୍ଲାଇ ଯିବାକୁ ହୁଏ । ଏହାର ଉଚ୍ଚମାନର ଅନ୍ତଃସୌନ୍ଦର୍ଯ୍ୟ ତାହାର ବାହ୍ୟ ସୌନ୍ଦର୍ଯ୍ୟଠାରୁ ରୁଚି ଅନୁଯାୟୀ ପ୍ରାୟତଃ ଭିନ୍ନ ଅଟେ । ଏଠି ଦେଖିବାକୁ ହୁଏ କାରୁକାର୍ଯ୍ୟର ଉତ୍କୃଷ୍ଟ ନମୁନା ଯାହାକି ବାହ୍ୟ ଅଂଶଠାରୁ ମାତ୍ରା ଓ ଗୁଣରେ ଅତ୍ୟଧିକ ଅଟେ । ଗମ୍ବୁଜ ମଧ୍ୟରେ କେଉଁଆଡେ ଯିବାକୁ ହୁଏ ଗାଇଡ୍ ନଥିଲେ ମଧ୍ୟ ଅଙ୍କିତ ହୋଇଥିବା ତୀର ଚିହ୍ନ ବା ଅନ୍ୟ ପର୍ଯ୍ୟଟକଙ୍କ ଗତିବିଧି ଅନୁଯାୟୀ ଅନାୟାସରେ ଜାଣିହୁଏ । ଦେଖିବାର ଦୁଇଟି ସ୍ଥାନ ହେଉଛି ଉପର ମହଲାର ଶାହାଜହାଁ ଓ ମମତାଜଙ୍କ ନକଲି ସମାଧି ଓ ଉପରୁ ଦେଖାଯାଉଥିଲା ତଳ ମହଲାର ଅସଲି ସମାଧିଦ୍ୱୟ । ଅନ୍ୟ ସ୍ଥାନମାନଙ୍କରେ ଦର୍ଶନ ଯୋଗ୍ୟ ଅଟେ । ରହିଥିବା କିଛି କୋଠରୀ, ବିଭିନ୍ନ ଡିଜାଇନ୍, ବାଲକୋନୀ ଓ ମୁଖ୍ୟତଃ ଦ୍ୱିତୀୟ ଛୋଟ ଗମ୍ବୁଜ । ଏହି ଗମ୍ବୁଜଟି ବାହାର ଗମ୍ବୁଜ ତଳେ ମଧ୍ୟ ଭାଗରେ ଅବସ୍ଥିତ ଯେଉଁଠାରେ ଏହି ଦୁଇ ସମାଧି ରହିଅଛି ଓ ସେଠାକୁ ପର୍ଯ୍ୟଟକମାନଙ୍କ ଯିବା ନିଷିଦ୍ଧ ଅଟେ । ତାଜମହଲ ମଧ୍ୟରେ ଥିବା ବିଭିନ୍ନ ତୋରଣ, ଛାତ, କାନ୍ଥମାନଙ୍କରେ ମୂଲ୍ୟବାନ ପ୍ରସ୍ତରମାନଙ୍କ ଭିନ୍ନ ଭିନ୍ନ ଆକୃତି ଗଠନ, ଏକ ବିରାଟ ସାଣ୍ଡେଲିଅର (ଲ୍ୟାମ୍ପ), ମୂଲ୍ୟବାନ ପଥର ଯୋଡାଯାଇ କରାଯାଇଥିବା ପତ୍ର, ପୁଷ୍ପ ଆଦି ବିଭିନ୍ନ ଚିତ୍ର ପ୍ରଭୃତି ଗାଇଡ୍‌ର ବିଶ୍ଳେଷଣରେ ଶୁଣିବା ଶିକ୍ଷାପ୍ରଦ ଅଟେ । ବିଭିନ୍ନ ମୂଲ୍ୟବାନ ପ୍ରସ୍ତରମାନଙ୍କର ସ୍ୱଚ୍ଛତା, ଅସ୍ୱଚ୍ଛତା ଆଦି ଅନେକଗୁଣ ଅନ୍ଧାର ଯାଗାରେ ଟର୍ଚ୍ଚ ପକାଇ ଗାଇଡ୍‌ମାନେ ଯାହା ବୁଝାନ୍ତି ସେଗୁଡିକର ଜ୍ଞାନାହରଣ ଏକ ସୁଖପ୍ରଦ ଅନୁଭୂତି ଅଟେ । ମୋଟ ଉପରେ କହିବାକୁ ହେଲେ ତାଜମହଲ ଭିତରର ନିର୍ମାଣ ଶୈଳୀ ଓ ସାଜସଜ୍ଜା ଅଦ୍ଭୁତ ମନୋରମ ଅନୁଭୂତି ଆଣି ଦେଇଥାଏ ଯାହାକି ଜୀବନ ତମାମ ଭୁଲି ହୁଏ ନାହିଁ । (କ୍ରମଶଃ)

ସୁପ୍ରିୟା ମଲିକ
କ୍ୱାର୍ଟର ନଂ–ବି–୭
ଉତ୍କଳ ୟୁନିଭର୍ସିଟି କ୍ୟାମ୍ପସ
ବାଣୀବିହାର, ଭୁବନେଶ୍ୱର

# ଅମ୍ଲାନ ଦୀପଶିଖା 'ମୋ ବାପା' ପ୍ରହ୍ଲାଦ

**୨୦୧୯ ଜାନୁଆରୀ ୧୨ ଜନନେତା ପ୍ରହ୍ଲାଦ ମଲିକଙ୍କ ୯୦ତମ ଜୟନ୍ତୀ ଉପଲକ୍ଷେ**

ଦେଶ ସ୍ୱାଧୀନ ହେବାପରେ ୧୯୫୨ ମସିହାରୁ ଭାରତରେ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହେଲା । ଏହାର ଏକ ଅଂଶସ୍ୱରୂପ ଗ୍ରାମଗୋଷ୍ଠୀ ଯୋଜନା ବିଭିନ୍ନ ଅଞ୍ଚଳରେ କାର୍ଯ୍ୟକାରୀ ହେଲା । ଓଡ଼ିଶା ମଧ୍ୟ ଏହି ଯୋଜନାକୁ ସାକାର କରିବାକୁ ଉଦ୍ୟମ କରିଥିଲା । କିନ୍ତୁ ଗ୍ରାମର ଉନ୍ନତି ଆଧାରରେ ମଣିଷର ବିକାଶ ଓ ରାଜ୍ୟ ବିକାଶର ପ୍ରଶ୍ନ ବହୁ ସମସ୍ୟା ଭିତରେ ଆନ୍ଦୋଳିତ ହେଉଥିଲା । ୧୯୫୫ର ପ୍ରଳୟଙ୍କରୀ ବନ୍ୟା ଓ ଦଳେଇଘାଇ ଭାଙ୍ଗିବା, ତତ୍‌ପରବର୍ତ୍ତୀ ସୀମା ଆନ୍ଦୋଳନ, ଛାତ୍ର ଆନ୍ଦୋଳନ ଓ ରାଉରକେଲାର ସାମ୍ପ୍ରଦାୟିକ ଦଙ୍ଗା ସହିତ ଏକ ରାଜନୈତିକ ଅସ୍ଥିରତା ମଧ୍ୟ ଓଡ଼ିଶା ପାଇଁ ଗୁରୁତର ଥିଲା । ଗୋଟିଏ ଦିଗରେ ଦାରିଦ୍ର୍ୟ ଓ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅପର ଦିଗରେ ରାଜନୈତିକ କ୍ଷମତା କନ୍ଦଳରେ ବିକ୍ଷୁବ୍ଧ ଥିଲା ଓଡ଼ିଶାର ସମୟ । ୧୯୫୨ରୁ ୧୯୭୨ ପ୍ରାୟ ଦୁଇ ଦଶନ୍ଧି ମଧ୍ୟରେ ଆଠ ଜଣ ମୁଖ୍ୟମନ୍ତ୍ରୀ ହୋଇଥିଲେ ଓ ଆଠଥର କ୍ୟାବିନେଟ୍ ପରିବର୍ତ୍ତନ ହୋଇଥିଲା । ଏହିଭଳି ଏକ ଆନ୍ଦୋଳିତ ସମୟରେ ଯେଉଁ କେତେଜଣ ନିଷ୍ଠାପର ଭାବରେ ରାଜ୍ୟ ବିକାଶ ପାଇଁ କାମ କରି ଚାଲିଥିଲେ ସେମାନଙ୍କ ଭିତରେ ପ୍ରହ୍ଲାଦ ମଲିକ ଅନ୍ୟତମ ।

ଉପକୂଳବର୍ତ୍ତୀ ଓଡ଼ିଶାର ଏକ ଗାଁ ଶିନ୍ଦିପୁରରେ ଜନ୍ମନେଇଥିଲେ ମୋ ବାପା ପ୍ରହ୍ଲାଦ । ବନ୍ୟା ବାତ୍ୟାର ପ୍ରକୋପରେ ମଣିଷର ଦୁର୍ଦ୍ଦଶାକୁ ଅଙ୍ଗେ ନିଭେଇଥିଲେ । ଅସ୍ପୃଶ୍ୟତା ଓ ସାମାଜିକ ବୈଷମ୍ୟ ସତ୍ତ୍ୱେ ସାମାଜିକ ସଦ୍‌ଭାବହିଁ ମଣିଷକୁ ଗଢିଆସିଛି । ଏହି ଅଭିଜ୍ଞତାର ଭୁକ୍ତଭୋଗୀ ଥିଲେ ସେ । ତାଙ୍କର ମାନବବାଦୀ ହୃଦୟରେ ଜାତି, ଧର୍ମ, ବର୍ଣ୍ଣର ବାଛବିଚାର ନଥିଲା, ବରଂ ଥିଲା ଏକମାତ୍ର ସଂକଳ୍ପ ମଣିଷର ଦୁଃଖ ଦୁର୍ଦ୍ଦଶାର ନିରାକରଣ ପାଇଁ । ସ୍କୁଲ ନଥିବା ଗାଁ, ବିଦ୍ୟୁତ୍ ଆଲୋକ ନଥିବା ଗାଁ ଏବଂ ଗମନାଗମନର ବ୍ୟବସ୍ଥା ନଥିବା ଅଞ୍ଚଳରେ ବିତିଥିଲା ତାଙ୍କର ବାଲ୍ୟ, କୈଶୋର ଓ ଆଦ୍ୟ ଜୀବନ । ବିଧାନସଭା ଭିତରେ ସେ ଯେଉଁ ଯୋଜନାମାନ କରୁଥିଲେ, ଆଇନ୍‌କାନୁନ୍‌ର କଥା କହୁଥିଲେ ସେ ସବୁର କେନ୍ଦ୍ରରେ ଥିଲା ଗାଁରେ ରହୁଥିବା ମଣିଷର ସୁଖସୁବିଧାର ପ୍ରଶ୍ନ । ନଦୀମୟୀ ଓଡ଼ିଶା ଭୟଭୀତ ହୋଇ ରହିଥିଲା ବନ୍ୟା ପାଇଁ । ହେଲେ ନଦୀମୟୀ ଓଡ଼ିଶାର ସବୁ ନଦୀର ଜଳ–ସମ୍ବଳକୁ ମଣିଷ ଉପଯୋଗୀ କରିବା ପାଇଁ କୃଷି କ୍ଷେତ୍ରରେ ବିନିଯୋଗ କରିବା ପାଇଁ ଜଳସେଚନ ଯୋଜନାକୁ ପ୍ରସାରିତ କରୁଥିଲେ ପ୍ରହ୍ଲାଦ ମଲିକ । ଗୋଟିଏ ଦିଗରେ ବନ୍ୟାନିୟନ୍ତ୍ରଣ, ଦ୍ୱିତୀୟ ଦିଗରେ କୃଷିକ୍ଷେତ୍ରରେ ଜଳଯୋଗାଣ ଓ ତୃତୀୟରେ ଗାଁ ଗାଁକୁ ବିଦ୍ୟୁତ୍ ଶକ୍ତି ଯୋଗାଣ ଏହି ତିନୋଟିକୁ ମୁଖ୍ୟ ଲକ୍ଷ୍ୟ କରିଥିଲେ ସୁଦ୍ଧା ଆହୁରି ଅନେକ ଦିଗ ପ୍ରତି ସେ ସତର୍କ ଓ ସଚେତନ ଦୃଷ୍ଟି ରଖିଥିଲେ । ଯେମିତିକି ଭୂସଂସ୍କାର ଯୋଜନାରେ ଗରିବ ଲୋକଙ୍କର ଉନ୍ନତି, ଦଳିତ ଓ ଆଦିବାସୀଙ୍କ ଉପରେ ହେଉଥିବା ହିଂସାର ନିରୋଧ, ଶିକ୍ଷାର ପ୍ରସାର ପାଇଁ ଅନେକ ସ୍କୁଲ କଲେଜ ଇତ୍ୟାଦିର ପ୍ରତିଷ୍ଠା ।

ଓଡ଼ିଶାର ବିକାଶ ପାଇଁ ସଂକଳ୍ପବଦ୍ଧ ପ୍ରହ୍ଲାଦଙ୍କର ଅନନ୍ୟ ବ୍ୟକ୍ତିତ୍ୱର ମୁଖ୍ୟ ସ୍ୱରଟି ଥିଲା ମାନ୍ୟତା । ପ୍ରତ୍ୟେକ ମଣିଷକୁ ଭଲ ପାଇବା । ହଜାର ହଜାର ଲୋକଙ୍କର ନାଁ ତାଙ୍କର ମନେ ରହିଥିଲା । କାହା ପୁଅକୁ କୁକୁର କାମୁଡିଛି ଓ ସେ କେଉଁଠିକୁ ଯାଇ କେଉଁ ଡାକ୍ତରଙ୍କୁ ଦେଖାକରିବ, ସେଥିପାଇଁ ମଧ୍ୟ ଚିନ୍ତା କରୁଥିଲେ ଓ ଉପଦେଶ ଦେଉଥିଲେ । ଚିରଦିନ ମଣିଷକୁ ଶ୍ରଦ୍ଧା କରୁଥିବା ପ୍ରହ୍ଲାଦ ମଧ୍ୟ ଲୋକଙ୍କ ନିକଟରୁ ବିପୁଳ ଶ୍ରଦ୍ଧା ପାଇଥିଲେ । ପହଲିବାବୁଙ୍କର କଥା, କର୍ମ ଓ ଖୁବ୍ ଭଲ ବ୍ୟବହାରରେ ଆତ୍ମୀୟ ପାଲଟିଥିବା ହଜାର ହଜାର ଲୋକ ତାଙ୍କୁ ପହଲିବାବୁ ହିଁ ଡାକୁଥିଲେ । ଏବେ ମଧ୍ୟ କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ, ପାଟକୁରା ଅଞ୍ଚଳର ଲୋକ ବା ନରସିଂହପୁର, ବାଲେଶ୍ୱର, ଭଦ୍ରକର ଗାଁ ଲୋକ ପହଲିବାବୁଙ୍କର ଶ୍ରଦ୍ଧାପୂର୍ଣ୍ଣ ଆକର୍ଷଣୀୟ ବ୍ୟକ୍ତିତ୍ୱର ସ୍ମରଣ କରନ୍ତି । ଏକାଧିକବାର କ୍ୟାବିନେଟ୍ ମନ୍ତ୍ରୀ ଭାବରେ କାମ କରିଥିବା ପ୍ରହ୍ଲାଦଙ୍କୁ ସ୍ମରଣ କରନ୍ତି । ବଡ ବଡ ଅଫିସର, ଇଞ୍ଜିନିୟର ଓ ପ୍ରଶାସକମାନେ ଅତି ଶ୍ରଦ୍ଧାର ସହିତ । ତାଙ୍କ ସମୟର ଗଣମାଧ୍ୟମ ଆଶ୍ଚର୍ଯ୍ୟ ହୋଇ ସେହି ବ୍ୟକ୍ତିତ୍ୱର ନିରୀକ୍ଷଣ କରୁଥିଲା । ୧୯୭୯ ମସିହାରେ ଏକଦା ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିଲା ଯେ, ବିଧାନସଭା ଭିତରେ ଦିନେ ହେଲେ ରାଗିନଥିବା ଓ ସଦାସର୍ବଦା ଶାନ୍ତ ଭାବରେ ସବୁ ପ୍ରଶ୍ନର ଉତ୍ତର ରଖୁଥିବା କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ମଲିକ ଆଜି ପ୍ରଥମ ଥର ରାଗିଯାଇଥିଲେ । ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ଥିବା ଓ ବିରୋଧୀ ଦଳର ବହୁ ଅଡୁଆ ଓ କଠୋର ପ୍ରଶ୍ନକୁ ସାମ୍ନା କରୁଥିଲେ ସେ ଶାନ୍ତ ଭାବରେ । ନମ୍ରତା ଓ ଭଦ୍ର ବ୍ୟବହାର, ମିଷ୍ଟଭାଷୀ ଓ ଆତ୍ମୀୟତା ସର୍ବୋପରି ମଣିଷ ପ୍ରତି ଅସୀମ ଶ୍ରଦ୍ଧା ତାଙ୍କୁ ଏକ ବିରଳ ବ୍ୟକ୍ତିତ୍ୱରେ ଉଦ୍‌ଭାସିତ କରୁଥିଲା ସଦାସର୍ବଦା ।



୧୯୬୧ରୁ ୧୯୬୬ ମଧ୍ୟରେ ହୀରାକୁଦ ଓ ମାଛକୁଣ୍ଡ ଯୋଜନାରୁ ଉତ୍ପନ୍ନ ବିଦ୍ୟୁତ ଶକ୍ତି ଓଡ଼ିଶାର ଡାକ୍ତରଖାନା, ସରକାରୀ ଅଫିସ୍, ସହର ଓ ଗ୍ରାମାଞ୍ଚଳକୁ ଯୋଗାଇ ଦିଆଗଲା । ଏହି ସମୟରେ ଡୁମୁଡୁମାରୁ ବିଦ୍ୟୁତ୍ ଉତ୍ପାଦନ ହେଲା । ତାଳଚେର ଥର୍ମାଲ ପ୍ଲାଣ୍ଟ ପ୍ରତିଷ୍ଠା ହେଲା । ବାଲିମେଳା ଯୋଜନା କାର୍ଯ୍ୟକାରୀ ହେଲା । ବିଦ୍ୟୁତ୍ ବୋର୍ଡ ଗଠନ କରାଗଲା । କେତେକ ଉତ୍ପାଦନ କେନ୍ଦ୍ରକୁ କମନ ଗ୍ରୀଡର ଅନ୍ତର୍ଭୁକ୍ତ କରି ଯୋଗାଣ ବ୍ୟବସ୍ଥାକୁ ସୁସଂଗଠିତ କରାଗଲା । ଗ୍ରାମ୍ୟ ବିଦ୍ୟୁତ୍‌କରଣ, ସହରାଞ୍ଚଳକୁ ବିଦ୍ୟୁତ ଯୋଗାଣ, ଉଠାଜଳସେଚନ ପମ୍ପକୁ ବିଦ୍ୟୁତ୍ ସଂଯୋଗ, ବୃହତ ଶିଳ୍ପ ଓ ଶିଳ୍ପାଞ୍ଚଳ ପାଇଁ ବ୍ୟବସ୍ଥା ଆଦି ସମ୍ବନ୍ଧରେ ଉପମନ୍ତ୍ରୀ ପ୍ରହ୍ଲାଦ ମଲିକଙ୍କର ବିଧାନସଭାରେ ପ୍ରଦତ୍ତ ଉତ୍ତରଗୁଡିକୁ ଦେଖିଲେ ମନେହୁଏ ତାହାହିଁ ଥିଲା ଓଡ଼ିଶା ପାଇଁ ଆଲୋକର ଆଦ୍ୟ ପ୍ରୟାସ ।

ତତ୍କାଳୀନ ମୁଖମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ଓଡ଼ିଶା ନିର୍ମାଣର ଲକ୍ଷ୍ୟ ସହିତ ସମତାଳରେ ଗତି କରୁଥିଲା ପ୍ରହ୍ଲାଦ ମଲିକଙ୍କର ପଦକ୍ଷେପ । ନିର୍ମିତ ହୋଇଥିଲା ଏକ ଶକ୍ତ ଓ ସୁଦୃଢ ରାଜପଥ, ଯାହା ଏବେ ବି ଏକ ରକ୍ତବାହୀ ଧମନୀ ଭଳି ଓଡ଼ିଶା ରାଜ୍ୟର ଶରୀରରେ ରହିଛି । ପ୍ରହ୍ଲାଦ ମଲିକଙ୍କର ଦକ୍ଷତା ଓ ନିଷ୍ଠା ଉପରେ ଶାସକ ଦଳ ଓ ମୁଖ୍ୟମନ୍ତ୍ରୀଙ୍କର ଏତେ ପରିମାଣରେ ଆସ୍ଥା ରହିଥିଲା ଯେ, ଯେକୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କାଳରେ ପ୍ରହ୍ଲାଦ ବିଧାନସଭା ପ୍ରଶ୍ନ ଗୁଡିକର ଉତ୍ତର ରଖୁଥିଲେ । ୧୯୬୬ ମସିହାରେ ରାଜସ୍ୱ ଓ କୃଷି ସମ୍ବନ୍ଧରେ ଆଲୋଚନା କାଳରେ ବିରୋଧୀ ଦଳ ନେତା ରାଜେନ୍ଦ୍ର ନାରାୟଣ ସିଂଦେଓ ଏହି ପ୍ରଶ୍ନ ଉଠାଇଥିଲେ ଯେ, 'କ୍ୟାବିନେଟ୍ ମନ୍ତ୍ରୀମାନେ ବିଧାନସଭାରେ ଉପସ୍ଥିତ ରହିବା ଉଚିତ । କାରଣ ପଲିସି ଡିସିସନ୍ ପାଇଁ ବା ନୀତି ନିର୍ଦ୍ଧାରଣ ପାଇଁ ସେମାନେ ଦାୟୀ । ମୁଖ୍ୟମନ୍ତ୍ରୀ ଓ କ୍ୟାବିନେଟ୍ ମନ୍ତ୍ରୀଙ୍କ ଅନୁପସ୍ଥିତିରେ ଉପମନ୍ତ୍ରୀମାନେ ଦାୟିତ୍ୱ ପରିଚାଳନା କରିବା ଓ କେତେକ କ୍ଷେତ୍ରରେ ବ୍ୟକ୍ତିଗତ ନିଷ୍ପତ୍ତି ନେବା, ଏସବୁ ସାମ୍ବିଧାନିକ ଧାରାର ଉଲ୍ଲଂଘନ ।' ଉପମନ୍ତ୍ରୀ ପ୍ରହ୍ଲାଦଙ୍କ ଉପରେ ଶାସକ ଦଳ ଓ ମୁଖ୍ୟମନ୍ତ୍ରୀଙ୍କର ଆସ୍ଥା ଥିଲା । କାରଣ ପ୍ରହ୍ଲାଦଙ୍କର ନିଷ୍ଠା ଓ ଦକ୍ଷତା ସେ ସମୟକୁ ପରୀକ୍ଷିତ ହୋଇସାରିଥିଲା । ପହଲିବାବୁଙ୍କ ଉପରେ ଓଡ଼ିଶାର ଜନସାଧାରଣଙ୍କର ବିଶ୍ୱାସ ଥିଲା । କାରଣ ସେ ଦୁଃଖଦୁର୍ଦ୍ଦଶା ସମୟରେ ଲୋକଙ୍କ ନିକଟରେ ପହଞ୍ଚି ପାରୁଥିଲେ । ସମ୍ବାଦପତ୍ର ବା ଗଣମାଧ୍ୟମ ପ୍ରହ୍ଲାଦଙ୍କର ନିଷ୍କଳଙ୍କ ବ୍ୟକ୍ତିତ୍ୱ ପ୍ରତି ଆକର୍ଷିତ ଥିଲା । ସର୍ବୋପରି ପ୍ରଶାସନିକ ଅଧିକାରୀ ମାନେ ତାଙ୍କ ସହିତ କାମ କରିବା ସମୟରେ କୌଣସି ମାନସିକ ଚାପରେ ରହୁନଥିଲେ । ବରଂ ଖୁସିରେ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । ରାଜନୀତି ଯାହା ଅର୍ଥବଳ, ବାହୁବଳ, କୁତ୍ସା ଓ ହିଂସାକୁ ଆଧାର କରି ଚାଲିଛି ସେତେବେଳେ ମଧ୍ୟ ଏସବୁ କିଛି କମ୍ ନଥିଲା । କିନ୍ତୁ ହିଂସା ଦ୍ୱାରା ବା ଅର୍ଥ ଦ୍ୱାରା ପ୍ରହ୍ଲାଦଙ୍କୁ ଭୟଭୀତ କରି ତାଙ୍କର ଆମକୁ ବଢିଥିବା ଗତିକୁ ରୋକିଦେବା ସହଜ ନଥିଲା । ରାଜ୍ୟକୁ ଶସ୍ୟଶ୍ୟାମଳା କରିବା ଓ ମଣିଷ ମଣିଷ ଭିତରେ ଶ୍ରଦ୍ଧା ଓ ସଂପ୍ରୀତିର ଫୁଲ ଫୁଟାଇବା ପାଇଁ ସେ ଯେପରି ଫଲ୍‌ଗୁ ଭଳି ଝରିଗଲେ । ୧୯୯୦ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସେ ଯାହାକୁ ବି ସ୍ପର୍ଶ କରିଛନ୍ତି ସେ ବ୍ୟକ୍ତି ହେଉ କି ବିଭାଗ, ସମସ୍ତେ ପୁଲକିତ ହୋଇଛନ୍ତି । କେହି ମ୍ଳାନ ହୋଇନାହାନ୍ତି । ଶୁଖିଯାଇ ନାହାନ୍ତି । ସମସ୍ତଙ୍କୁ ଆଲୋକିତ କରିବାର ଅଭୀପ୍ସାରେ ଏବେ ମଧ୍ୟ ତାଙ୍କର ସ୍ମୃତି ଅମ୍ଳାନ ହୋଇ ରହିଛି ଓଡ଼ିଆ ଜନମାନସରେ ।



ମନ୍ମଥ କୁମାର ଶତପଥୀ
୧୦୪, ଆରଚିଡ଼ ରୟାଲ ଆପାର୍ଟମେଣ୍ଟ,ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର–୨
ମୋ : ୯୪୩୯୭୧୯୮୫୭

# ଅଶାନ୍ତ କନ୍ଧମାଳ

ପୃଥିବୀ ମାନଚିତ୍ରରେ କନ୍ଧମାଳ ଏକ ଚର୍ଚ୍ଚିତ ଅଞ୍ଚଳ । ଅତୀତରେ କନ୍ଧମାଳ ଜିଲ୍ଲାର ନାମଥିଲା ଫୁଲବାଣୀ । କନ୍ଧମାଳ ଓଡ଼ିଶା ପ୍ରଦେଶର ଗୋଟିଏ ଅନଗ୍ରସର ଜିଲ୍ଲା ଭାବେ ପରିଚିତ । ଅଥଚ ଏହି ଅଞ୍ଚଳର ସାଂସ୍କୃତିକ ପରମ୍ପରା ଅତି ପ୍ରାଚୀନ । ଏହି ଅଞ୍ଚଳର ମୂଳ ଆଦିବାସୀ କନ୍ଧ ସଂପ୍ରଦାୟ ଦୀର୍ଘ ୩୦୦୦ ବର୍ଷ ପୂର୍ବେ ଗଙ୍ଗାନଦୀ ପାର୍ଶ୍ୱସ୍ଥ ବିନ୍ଧ୍ୟାଞ୍ଚଳରୁ ଆସି ଏଠାରେ ବସବାସ କରିଥିଲେ । ସେମାନେ ଖୁବ୍ ସରଳ । ମାଟି, ପାଣି, ପବନ, ସେମାନଙ୍କର ଚୀର ସାଥୀ । ଯେଉଁ ମାଟିରେ ଫସଲ ଫଳେ, ଯେଉଁଠି ମିଳେ ଝରଣାର ପାଣି, ଯେଉଁଠି ମୁକ୍ତ ପବନ, ସେଇଠି ଗଢିଉଠେ ସେମାନଙ୍କର ସଂସାର । ସେମାନେ କାହାର କିଛି କ୍ଷତି କରନ୍ତିନି । ଯଦି କେହି ସେମାନଙ୍କର କିଛି କ୍ଷତିକରେ ସେମାନେ ଖୁବ୍ ହିଂସ୍ର ହୋଇ ଉଠନ୍ତି । ସେମାନେ ସଚ୍ଚା ଦେଶପ୍ରେମୀ ଓ ପ୍ରକୃତିର ଉପାସକ । ଯେଉଁ ପ୍ରକୃତି ସେମାନଙ୍କୁ ବଞ୍ଚିବାର ସୁଯୋଗ ଦେଇଛି ସେମାନେ ତାକୁ ପୂଜା କରନ୍ତି । ସେମାନେ ରାଜଭକ୍ତ । ରାଜାଙ୍କୁ ସେମାନେ ଦେବତା ତୁଲ୍ୟ ମନେ କରୁଥିଲେ ।

ଅତୀତରେ କନ୍ଧମାଳ ଜିଲ୍ଲାର ସମଗ୍ର ଅଞ୍ଚଳ ଘୁମୁସର ଭଞ୍ଜବଂଶ ଅଧୀନରେ ଥିଲା । ୧୮୩୪ ସାଲରେ ଘୁମୁସର ରାଜବଂଶର ପତନ ଓ ଇଂରେଜମାନଙ୍କ ଆଗମନ ଓ ଅତ୍ୟାଚାର, ଶାନ୍ତ, ସରଳ ଆଦିବାସୀ ସମାଜକୁ ବିଦ୍ରୋହ କରିବାକୁ ବାଧ କରିଥିଲା । ଇଂରେଜମାନଙ୍କୁ ବିତାଡିତ କରି, ଘୁମୁସର ରାଜବଂଶର ପୁନଃ ପ୍ରତିଷ୍ଠା ପାଇଁ ସେମାନେ ଦୋହରା ବିଷୋଇ ଓ ଚକରା ବିଷୋଇଙ୍କ ନେତୃତ୍ୱରେ ଦୀର୍ଘ ୨୨ବର୍ଷ ସଂଗ୍ରାମ କରିଥିଲେ । ଭାରତ ବର୍ଷର ଘୁମୁସର ଥିଲା ଶେଷ ରାଜ୍ୟ, ଯାହାକୁ କରଗତ କରିବା ପାଇଁ ଇଂରେଜ ମାନଙ୍କୁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡିଥିଲା । ମନରେ ପ୍ରଶ୍ନ ଉଠେ, ଯେଉଁ ଇଂରେଜ ଜାତି ସମଗ୍ର ପୃଥିବୀକୁ ନିଜ ହାତମୁଠାରେ ରଖିବା ପାଇଁ ସକ୍ଷମ ହୋଇଥିଲେ, ସେମାନେ ଘୁମୁସର ପରି ଗୋଟିଏ ଆଦିବାସୀ ବହୁଳ ଅନଗ୍ରସର ଅଞ୍ଚଳକୁ ନିଜ ଅଧୀନକୁ ଆଣିବା ସକାଶେ ଅକ୍ଷମ ହୋଇ କାହିଁକି ଦୀର୍ଘଦିନ ଲଢେଇ କରିଥିଲେ ? ସଂକ୍ଷିପ୍ତରେ କୁହାଯାଇପାରେ, ଏହାରି ପଛରେ ଥିବା ବିପ୍ଳବୀ, ଦୋହରା ଓ ଚକରା ବିଷୋଇଙ୍କ ବଳିଷ୍ଠ ନେତୃତ୍ୱ ଓ ଆଦିବାସୀମାନଙ୍କର ଅନାବିଳ ଦେଶପ୍ରେମ । ସେଇ ସଂଘର୍ଷ ଓ ବିପ୍ଳବର କାହାଣୀ ମୋର 'ମୁଁ ଚକରା କହୁଛି' ନାଟକରେ ଲିପିବଦ୍ଧ ।

ବର୍ତ୍ତମାନ ଆସନ୍ତୁ ମୁଖ୍ୟ ପ୍ରସଙ୍ଗକୁ, କନ୍ଧମାଳ ଆଜି କାହିଁକି ଅଶାନ୍ତ ? ଜଣେ ସମୀକ୍ଷକ ଭାବେ ୧୯୭୦ ଓ ୧୯୯୦ ଦଶକରେ ମୁଁ କନ୍ଧମାଳ ଜିଲ୍ଲାର ପ୍ରାୟ ସମସ୍ତ ଅଞ୍ଚଳ ଗ୍ରସ୍ତ କରିଛି । ସେହି ଅଞ୍ଚଳର ମୁଖ୍ୟ ଅଧିବାସୀ କନ୍ଧ ସଂପ୍ରଦାୟଙ୍କ ସହିତ ମୋର ପରିଚିତି ବାଲ୍ୟକାଳରୁ । ବର୍ଷାର ଆଗମନ ପୂର୍ବରୁ ସେମାନେ ଅନେକ ଜଙ୍ଗଲଜାତ ପଦାର୍ଥ, ଯଥା, ଚମ୍ପେଇତ, ଆମ୍ବସଢା, ହଳଦୀ, ଝୁଣା ଇତ୍ୟାଦି ସାଥୀରେ ନେଇ ଆସନ୍ତି ଭଞ୍ଜନଗର । ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥାଏ ଏ ସମସ୍ତ ଜିନିଷ ବଦଳରେ କିଛି ପୁରୁଣା ଲୁଗା ସଂଗ୍ରହ କରିବା । ଆମେ ସେହି ଦିନକୁ ଅପେକ୍ଷା କରିଥାଉ । ବହୁଦିନରୁ ସାଇତି ରଖିଥାଉ ପୁରୁଣା ଚିରାଫଟା, ସାର୍ଟ, ପ୍ୟାଣ୍ଟ ଓ ଲୁଗାପଟା । ସେହି ଲୁଗାଗୁଡିକର ଅବସ୍ଥାକୁ ଦେଖି ସେମାନେ କିଛି ଚମ୍ପେଇତ, ଆମ୍ବସଢା ଦେଇ ଲୁଗାତକ ନେଇ ଚାଲିଯାଆନ୍ତି । ସେଗୁଡିକୁ ବୋଉମୋର ବିଭିନ୍ନ ମସଲା ଦେଇ ଆଚାର ତିଆରି କରେ । ଆଜି ସେ ସବୁ ସ୍ୱପ୍ନ ପ୍ରାୟ । ଏପରି ଯେଉଁ ମଣିଷମାନେ ଖାଇବା ଓ ପିନ୍ଧିବା କ'ଣ ଜାଣିନଥିଲେ, ନିର୍ବିକାର ଭାବେ ବଣଜଙ୍ଗଲରେ ଉଲଗ୍ନ ଓ ଅର୍ଦ୍ଧଉଲଗ୍ନ ଭାବେ ବସବାସ କରୁଥିଲେ, ସେମାନେ ହଠାତ୍ ଅଶାନ୍ତ ହେଲେ କାହିଁକି ? କିଏ ସେମାନଙ୍କ ମନକୁ ବିଷାକ୍ତ କଲା ? ସେଥିପାଇଁ ଦାୟୀ ଆମର ସାମାଜିକ ଅବ୍ୟବସ୍ଥା, ନା କଳୁଷିତ ରାଜନେତା ? କନ୍ଧମାଳ ଜିଲ୍ଲାର ଇତିହାସ ଅନୁଧ୍ୟାନ କଲେ ଜଣାଯାଏ, ଇଂରେଜମାନଙ୍କ ଆଗମନ ପୂର୍ବରୁ ସେଠାକାର ମୂଳ ଅଧିବାସୀ କନ୍ଧ, ସଉରା, ଗଣ୍ଡ ଓ ପାଣମାନଙ୍କ ମଧ୍ୟରେ କୌଣସି ବିଭେଦ ନଥିଲା । ସମସ୍ତେ ମିଳିମିଶି ରହୁଥିଲେ । ଅନ୍ୟାନ୍ୟ, ଜାତି ତୁଳନାରେ ପାଣମାନେ ଥିଲେ ଖୁବ୍ ଚତୁର ଓ ସ୍ୱାର୍ଥପର । ସ୍ୱାର୍ଥରକ୍ଷା ନିମନ୍ତେ, ସରଳ ନିରୀହ ଆଦିବାସୀମାନଙ୍କର ସର୍ବସ୍ୱ ସେମାନେ ଲୁଣ୍ଠନ କରୁଥିଲେ । ବାହାରୁ ଆସୁଥିବା ମାଲ ବେପାରୀ ଓ ଆଦିବାସୀ ମାନଙ୍କର ମଧ୍ୟସ୍ଥି ସାଜି ସେମାନେ ଯଥେଷ୍ଟ ଅର୍ଥ ରୋଜଗାର କରୁଥିଲେ । ଶିକ୍ଷା ଓ ସଭ୍ୟତାରୁ ବଞ୍ଚିତ ଆଦିବାସୀମାନଙ୍କ ପକ୍ଷରେ ସେମାନଙ୍କୁ ବୁଝିବା କଷ୍ଟକର ଥିଲା । ସତେ ଯେମିତି କନ୍ଧମାନଙ୍କର ପାଣମାନେ ଥିଲେ ହର୍ତ୍ତା, କର୍ତ୍ତା, ଦୈବ ଓ ବିଧାତା । ସେମାନଙ୍କ ବିନା ପରାମର୍ଶରେ, ଆଦିବାସୀ ସଂପ୍ରଦାୟ କୌଣସି କାମ କରିବା ପାଇଁ ସକ୍ଷମ ନଥିଲେ । କ୍ରୀତଦାସ ତୁଲ୍ୟ ବର୍ଷସାରା ମାଟି ସହିତ ମାଟିହୋଇ ଯାହା ଫସଲ ଆଦାୟ କରୁଥିଲେ, ତାରି ଉପରେ ସେମାନଙ୍କର ଅଧିକାର ନଥିଲା । ତାହା ଉପଭୋଗ କରୁଥିଲେ, ସେମାନଙ୍କ ପରାମର୍ଶଦାତା ପାଣ ସମାଜ କିମ୍ବା ବାହାରୁ ଆସୁଥିବା ମାଲ ବେପାରୀମାନେ । ଏପରି ଶୋଷଣ, ଅତ୍ୟାଚାର ସତ୍ତ୍ୱେ, ଆଦିବାସୀ ସମାଜ ଓ ପାଣମାନଙ୍କ ମଧ୍ୟରେ କୌଣସି ବିଭେଦ ନଥିଲା । ସାମାଜିକ ଓ ସାଂସ୍କୃତିକ ଉତ୍ସବମାନଙ୍କରେ ସମସ୍ତେ ଏକାଠି ମିଳିମିଶି କାମ କରୁଥିଲେ । କିନ୍ତୁ ଏହି ପରିସ୍ଥିତି ଭିନ୍ନରୂପ ଧାରଣ କରିଥିଲା ଇଂରେଜମାନଙ୍କ ଆଗମନ ପରେ । (କ୍ରମଶଃ)

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
E-mail : sambadkalikaa@yahoo.com/sambadkalikanews@gmail.com City Office : Plot No.354, Saheed Nagar
ସମ୍ପାଦକ : ଜୟାଶୀଷ ରାୟ